ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## ସରିଲା ବନଯାଗ ଯାତ୍ରା : କୋଇଲି ବୈକୁଣ୍ଠରେ ମହାପ୍ରଭୁଙ୍କ ମହାଦାରୁ

**ପୁରୀ, ତା ୨୨.୫ :-** ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବରର ଗୁରୁତ୍ୱପୂର୍ଣ୍ଣ ବନଯାଗ ପର୍ବର ପରିସମାପ୍ତି ଘଟିଛି । ଦୀର୍ଘ ଦେଢ଼ମାସ ଧରି ଚାଲିଥିବା ଏହି ପ୍ରକ୍ରିୟାର ଅନ୍ତିମ ଦିବସରେ ଆଜି ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ଦିବ୍ୟଦାରୁ କୋଇଲି ବୈକୁଣ୍ଠ ବା କୈବଲ୍ୟ ବୈକୁଣ୍ଠରେ ପ୍ରବେଶ କରିଛନ୍ତି । ଗତକାଲି ସଂଧ୍ୟା ୫ଘ.୫୦ମିରେ ବୀରଗୋବିନ୍ଦପୁରରୁ ଦାରୁ ଶଗଡ଼ି ଯାତ୍ରା ଆରମ୍ଭ କରି ବିଳମ୍ବିତ ରାତ୍ରରେ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ଥିବା ଶ୍ରୀନୃସିଂହ ମନ୍ଦିରରେ ଅବସ୍ଥାନ କରିଥିଲେ । ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଅବକାଶ ନୀତି ପରେ ଦାରୁ ଶଗଡ଼ି ଆସିବା ପାଇଁ ଆଜ୍ଞାମାଳ ଆସିଥିଲା । ମହାପ୍ରଭୁଙ୍କ ଆମନ୍ତ୍ରଣ ପାଇବା ପରେ ଦାରୁ ଶଗଡ଼ି କୋଇଲି ବୈକୁଣ୍ଠକୁ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହୋଇଥିଲା । ଯଜ୍ଞ ନୃସିଂହ ଦେବଙ୍କୁ ପୂଜାର୍ଚ୍ଚନା ପରେ ସକାଳ ୯ଘ. ୧୦ ମିରେ ଭବ୍ୟ ପଟୁଆରରେ କାଳିଆ ଠାକୁରଙ୍କ ଦାରୁ ଶଗଡ଼ି ନୃସିଂହ ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରାରମ୍ଭ କଲେ ।

ଦାରୁ ଶୋଭାଯାତ୍ରା ଅତୀବ ଆକର୍ଷଣୀୟ ଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ଆଗନ୍ତୁକ ଅଗଣିତ ଭକ୍ତଙ୍କ ସମାଗମରେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ରଥଯାତ୍ରାର ଭ୍ରମ ସୃଷ୍ଟି କରୁଥିଲା । ଭାବମୟ ହୋଇ ଉଠିଥିଲା ପବିତ୍ର ବଡ଼ଦାଣ୍ଡ । ରାସ୍ତା ସାରା ସଜ୍ଜିତ ହୋଇ ରହିଥିଲା ଫୁଲ, ଅବିର, ମୁରୁଜ ଓ ଝୋଟିରେ । ରାସ୍ତା ଉପରେ ବିଛାଯାଇଥିଲା ନୂତନ ଶାଢ଼ୀ, ଧୋତି, ଗାମୁଛା । ଫୁଲରେ, ମୁରୁଜରେ ଲେଖା ଯାଇଥିଲା 'ଶ୍ରୀଜଗନ୍ନାଥ ସ୍ୱାଗତମ୍'। ଶଗଡ଼ି ଆଗରେ ନୃତ୍ୟ କରୁଥିଲେ ବିଭୋର ଭକ୍ତ ସମାଜ । କୁନିକୁନି ନୃତ୍ୟଶିଳ୍ପୀମାନଙ୍କ ପ୍ରଦର୍ଶନ କରୁଥିଲେ ନୃତ୍ୟ ! ପ୍ରଦର୍ଶିତ ହୋଇଥିଲା ପୁରୀର ପ୍ରସିଦ୍ଧ ପାରମ୍ପରିକ ସମର କଳା କୌଶଳ । ବିଭୁପ୍ରେମରେ ମତୁଆଲା ହୋଇଯାଉଥିଲେ ଆବାଳବୃଦ୍ଧବନିତା । ମହିଳାମାନେ ଜାଳୁଥିଲେ ଧୂପ, ଦୀପ । ଅର୍ପଣ କରୁଥିଲେ ନୈବେଦ୍ୟ । ଶଗଡ଼ି ଆଗରେ ଯାଉଥିଲେ ବିଭିନ୍ନ ରଙ୍ଗର ଧ୍ୱଜା ଧରି ଯାଉଥିବା ଧ୍ୱଜାଧାରୀମାନେ । ବଡ଼ଦାଣ୍ଡ ସାରା ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଲଗାଯାଇଥିବା ମାଇକ୍‌ରୁ ଶୁଭୁଥିଲା ଗୀତଗୋବିନ୍ଦ ଶ୍ଳୋକ । ରାସ୍ତାର ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଅପୂର୍ବ ଆନନ୍ଦରେ ସ୍ୱାଗତ କରୁଥିଲେ ଦିବ୍ୟଦାରୁଙ୍କୁ । ନରନାରୀଙ୍କ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ମର୍ଦ୍ଦଳ, କାହାଳୀର ନାଦରେ, ଜୟ ଜଗନ୍ନାଥ ଧ୍ୱନୀରେ କମ୍ପି ଉଠିଥିଲା ଖଣ୍ଡମଣ୍ଡଳ । ସଂକୀର୍ତ୍ତନର ତାଳେ ତାଳେ ସାଧୁ ସନ୍ଥ ଓ ବିଦେଶୀ ଭକ୍ତଙ୍କ ନୃତ୍ୟ ପରିବେଷଣ ଥିଲା ବାସ୍ତବିକ୍ ହୃଦୟସ୍ପର୍ଶୀ । ଭାବବିହ୍ୱଳ ଭକ୍ତମାନଙ୍କ ଦାରୁଦର୍ଶନ ଓ ଅର୍ଚ୍ଚନର ଦୃଶ୍ୟ ଥିଲା ବେଶ୍ ଭାବାବେଗମୟ । ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଭକ୍ତ ଓ ଆରକ୍ଷୀ କର୍ମଚାରୀମାନେ ଦାରୁଶଗଡ଼ିକୁ ଟାଣି ଟାଣି ନେଉଥିଲେ । ଶ୍ରୀଦାରୁ ଶଗଡ଼ି ବଡ଼ଦାଣ୍ଡ, ଲକ୍ଷ୍ମୀବଜାର, ଉତ୍ତର ଦ୍ୱାର ଦେଇ କୋଇଲି ବୈକୁଣ୍ଠସ୍ଥିତ ଦାରୁଗୃହରେ ପହଞ୍ଚିଥିଲା ୧୨ଘ. ୪୦ମିରେ । ଶ୍ରୀଜୀଉମାନଙ୍କ ମଧ୍ୟାହ୍ନ ଧୂପ ପରେ ଆଜିଠାରୁ କୋଇଲି ବୈକୁଣ୍ଠରେ ଶ୍ରୀଦାରୁଙ୍କ ନିକଟରେ ପଣା ଓ ଚକଟା ଭୋଗ ହୋଇଛି । ସେଠାରେ ଧୂପ ଦୀପ ଅର୍ପଣ କରାଯାଇଛି ।

ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥଙ୍କ ଦାରୁ ଶଗଡ଼ି ଗତ ୧୪.୫ତାରିଖରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖରିପଡ଼ିଆ ଗ୍ରାମରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରାରମ୍ଭ କରିଥିଲେ ।

ଲୋକ ସଂପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ